OPEN ACCESS

*Ind. Jr. of Mod. Res. and Rev* | PEER-REVIEWED JOURNAL | *Volume 4 Issue 2 [Feb] Year 2026*

**Indian Journal of Modern Research and Reviews**

This Journal is a member of the *'Committee on Publication Ethics'*

**Online ISSN:**2584-184X

*Research Article*

# ଶିକାର : ନବ ପ୍ରଭାତର ସ୍ୱର ଓ ସ୍ୱାକ୍ଷର

**ଆଲୋକ ରଞ୍ଜନ ଷଡଙ୍ଗୀ**

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବାଜିରାଉତ ସ୍ମୃତି ମହାବିଦ୍ୟାଳୟ, ଭୁବନ, ଢେଙ୍କାନାଳ, ଓଡ଼ିଶା, ଭାରତ

**Corresponding Author:** *ଆଲୋକ ରଞ୍ଜନ ଷଡଙ୍ଗୀ

**DOI:** https://doi.org/10.5281/zenodo.20407273

**ସାରାଂଶ**

ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ ଚେତନାର ଅଗ୍ରଦୂତ ଭଗବତୀ ଚରଣ ପାଣିଗ୍ରାହୀଙ୍କ କ୍ଷୁଦ୍ରଗଳ୍ପ 'ଶିକାର' ଏକ ଅନବଦ୍ୟ ଓ କାଳଜୟୀ ରଚନା। ଏହି ଆଲୋଚନାରେ 'ଶିକାର' ଗଳ୍ପକୁ କେନ୍ଦ୍ର କରି ସମାଜବାଦୀ ବାସ୍ତବତା (*Socialist Realism*) ଓ ସମାଲୋଚନାଧର୍ମୀ ବାସ୍ତବତା (*Critical Realism*) ପ୍ରସଙ୍ଗରେ ଆଲୋଚନା କରାଯାଇଛି। ଗଳ୍ପର ନାୟକ ଘିନୁଆଙ୍କ ଚରିତ୍ର ମାଧ୍ୟମରେ ଲେଖକ ଶୋଷଣ, ଅତ୍ୟାଚାର ଓ ବର୍ଗସଂଘର୍ଷର ଚିତ୍ରଣ କରିଛନ୍ତି। ଆଲୋଚନାରେ ପ୍ରକୃତ ଶିକାରୀ କିଏ, ପ୍ରାକୃତିକ ନ୍ୟାୟ ବନାମ ଆଇନଗତ ନ୍ୟାୟ ଏବଂ 'ଶିକାର' ଗଳ୍ପ ପ୍ରଗତିଶୀଳ କି ନୁହେଁ ଏହି ତିନୋଟି ପ୍ରମୁଖ ପ୍ରସଙ୍ଗର ବିଶ୍ଳେଷଣ କରାଯାଇଛି। ବୈଷ୍ଣବ ଚରଣ ସାମଲଙ୍କ ମତକୁ ଆଧାର କରି ଘିନୁଆଙ୍କୁ ସମ୍ପୂର୍ଣ୍ଣ ସାମ୍ୟବାଦୀ ଚେତନାର ପ୍ରତିନିଧି କହିବାରେ ଥିବା ସନ୍ଦେହର ଖଣ୍ଡନ କରାଯାଇଛି। ଏଙ୍ଗେଲ୍ସଙ୍କ ବାସ୍ତବତା ସମ୍ପର୍କିତ ଉଦ୍ଧୃତି ସହିତ ପ୍ରମାଣିତ କରାଯାଇଛି ଯେ ଅର୍ଦ୍ଧ-ସଚେତନ ବିଦ୍ରୋହ ମଧ୍ୟ ପ୍ରଗତିଶୀଳ ସାହିତ୍ୟର ଅଂଶ ହୋଇପାରେ। 'ଶିକାର' କେବଳ ଓଡ଼ିଆ କ୍ଷୁଦ୍ରଗଳ୍ପର ଏକ ଶିଳ୍ପଗତ ଉତ୍କୃଷ୍ଟ ନମୁନା ନୁହେଁ, ବରଂ ସମାଜବାଦୀ ଚେତନା ଓ ପ୍ରଗତିଶୀଳ ସାହିତ୍ୟର ଏକ ଶକ୍ତିଶାଳୀ ଉଦାହରଣ।

**Manuscript Information**

- **ISSN No:** 2584-184X
- **Received:** 02-01-2025
- **Accepted:** 23-02-2026
- **Published:** 28-02-2026
- **MRR:**4(2); 2026: 452-456
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଆଲୋକ ରଞ୍ଜନ ଷଡଙ୍ଗୀ. ଶିକାର : ନବ ପ୍ରଭାତର ସ୍ୱର ଓ ସ୍ୱାକ୍ଷର. Indian J Mod Res Rev. 2026;4(2):452-456.

**Access this Article Online**

www.mrrjournal.in

**ପ୍ରମୁଖଶବ୍ଦାବଳୀ:** ଭଗବତୀ ଚରଣ ପାଣିଗ୍ରାହୀ, ଶିକାର ଗଳ୍ପ, ସମାଜବାଦୀ ବାସ୍ତବତା, ପ୍ରଗତିଶୀଳ ସାହିତ୍ୟ, ଘିନୁଆ ଚରିତ୍ର, ପ୍ରାକୃତିକ ନ୍ୟାୟ।



© 2026 ଆଲୋକ ରଞ୍ଜନ ଷଡଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ପରିଚୟ

ଓଡ଼ିଶାର ପ୍ରଗତିଶୀଳ ଚେତନାର ଭଗିରଥ ଭଗବତୀ ଚରଣ ପାଣିଗ୍ରାହୀ । ଆନ୍ତର୍ଜାତିକ ଚେତନା - ମୁକ୍ତି, ସମତା, ଭାତୃତ୍ୱ ଓ ବିଶ୍ୱଶାନ୍ତିର ସେ ଅଗ୍ରଦୂତ। ମାତ୍ର ଚଉତିରିଶ ବର୍ଷର ଜୀବନକାଳ ଭିତରେ ସେ ଓଡ଼ିଶାର ରାଜନୈତିକ, ଅର୍ଥନୀତିକ ଓ ସାହିତ୍ୟିକ ପରିମଣ୍ଡଳକୁ ଯେଉଁଭଳି ଭାବରେ ଚମକପ୍ରଦାନ କରିପାରିଥିଲେ ତାହା ଏକ ବିରଳ ଦୃଷ୍ଟାନ୍ତ। ଓଡ଼ିଆ ସାହିତ୍ୟରେ ଫକୀର ମୋହନ ସେନାପତିଙ୍କ ପରି ସ୍ରଷ୍ଟା ସମାଲୋଚନାଧର୍ମୀ ବାସ୍ତବତା(Critical Realism)କୁ ଭିତ୍ତିକରି ସମାଜର ନିଛକ ବାସ୍ତବତାର ଛବି ଅଙ୍କନ କରିଥିଲେ। କିନ୍ତୁ ସେଥିରେ ସମାଜବାଦୀ ବାସ୍ତବତା(Socialistic Realism)ର ତୀକ୍ଷ୍ଣତା ଦେଖିବାକୁ ମିଳେ ନାହିଁ ସମାଲୋଚନାଧର୍ମୀ ବାସ୍ତବତାରେ ସ୍ରଷ୍ଟା ସମସ୍ୟାକୁ ଚିହ୍ନଟ କରିଦିଏ ସିନା ସମାଜବାଦୀ ବାସ୍ତବତାର ଲେଖକପରି ପରିସ୍ଥିତିର ମୁକାବିଲା କରିବା ପାଇଁ କୌଣସି ଇଙ୍ଗିତ ଦିଏ ନାହିଁ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଲିଖନୀରେ ସମାଜବାଦୀ ବାସ୍ତବତାର ନବାରୁଣକୁ ମର୍ମେମର୍ମେ ଅନୁଭବ କରିହୁଏ। ବିଭୂତି ପଟ୍ଟନାୟକ ଯଥାର୍ଥରେ କୁହନ୍ତି –

"ରାବୀନ୍ଦ୍ରିକ ଉପନିଷଦୀୟ ଚେତନା; ସପ୍ନ-ବିଳାସୀ ସବୁଜମାନଙ୍କ ରୋମାଣ୍ଟିକ ଭାବନାର ଅପୂର୍ଣତା ଓ ଅସାରତାକୁ ପଦାରେ ପକାଇଦେବା ସଙ୍ଗେ ସଙ୍ଗେ ବିଶ୍ୱ ସାହିତ୍ୟରେ ଯେଉଁ ବୈଜ୍ଞାନିକ ଦୃଷ୍ଟିସମ୍ପନ୍ନ ସମାଜବାଦୀ ବାସ୍ତବତାର ନବତରଙ୍ଗ ଉଦ୍‌ବେଳିତ ହୋଇ ଉଠୁଥିଲା; ସେଇ ଶାଣିତ ଚେତନାରେ ଓଡ଼ିଆ ସାହିତ୍ୟକୁ ନୂତନ ଜୀବନ ପ୍ରଦାନ କରିବା ପାଇଁ ସେ ଅଗ୍ରଣୀ-ଭୂମିକା ଗ୍ରହଣ କରିଥିଲେ।"[ପଟ୍ଟନାୟକ,୨୦୧୦, ପୃ.୧୪୯)

ଭଗବତୀ ଚରଣ ପାଣିଗ୍ରାହୀଙ୍କ ଗଳ୍ପ ସଂଖ୍ୟା ଦୃଷ୍ଟିରୁ ସ୍ୱଳ୍ପ। ୧୯୮୫ ମସିହାରେ ସର୍ବପ୍ରଥମେ ବ୍ରହ୍ମ ବରଦାର ନବୀନ ସାହିତ୍ୟ ସଂଗଠନ 'ଶିକାର ଓ ଅନ୍ୟାନ୍ୟ ଗଳ୍ପ' ଶୀର୍ଷକରେ ପ୍ରକାଶ କରିଥିଲେ। ୧୯୯୯ ମସିହାରେ ନବଯୁଗ ଗ୍ରନ୍ଥାଳୟରୁ ବିଜୟକୁମାର ପଢିହାରୀଙ୍କ ସମ୍ପାଦନାରେ 'ଭଗବତୀ ପାଣିଗ୍ରାହୀଙ୍କ ଶ୍ରେଷ୍ଠଗଳ୍ପ' ପ୍ରକାଶ ପାଇଥିଲା। ୨୦୦୭ ମସିହାରେ ବିଜୟକୁମାର ଶତପଥୀଙ୍କ ସମ୍ପାଦନାରେ ନ୍ୟାସନାଲ ବୁକ ଟ୍ରଷ୍ଟ ଦ୍ୱାରା ଭଗବତୀ ଚରଣ ଗଳ୍ପମାଳା ପ୍ରକାଶ ପାଇଥିଲା। ଶ୍ରୀଯୁକ୍ତ ଶତପଥୀଙ୍କ ଦ୍ୱାରା ସମ୍ପାଦିତ ପୁସ୍ତକରେ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୧୩ଟି ଗଳ୍ପକୁ ସ୍ଥାନିତ କରାଯାଇଛି। ଯଥା : ଜଙ୍ଗଲି, ମିଶ୍ରଙ୍କ କୋପ, ବଞ୍ଚିତା, ସମୟାତୀତ, ଜୀବନର ସମାଧି,ଝଡ଼, ଆରମ୍ଭ ଓ ଶେଷ, ମୀମାଂସା,ମୃତ୍ୟୁର ବିବେଚନା, ମଜଲିସ, ଶିକାର, ହାତୁଡ଼ି ଓ ଦା, ସ୍ବୀକାରୋକ୍ତି। ବିଡମ୍ବନାର ବିଷୟ ଯେ ଭଗବତୀ ଚରଣଙ୍କ ଗଳ୍ପକୁ ନେଇ ସଂକଳିତ ଗଳ୍ପମାଳା ଗୁଡ଼ିକରେ ମଜଲିସ ଗଳ୍ପକୁ ସ୍ଥାନିତ କରଯାଇଛି। ଯେତେବେଳେ କି ଏହା ଭଗବତୀ ଚରଣ ପାଣିଗ୍ରାହୀଙ୍କ ବଡ଼ଭାଇ ଦିବ୍ୟସିଂହ ପାଣିଗ୍ରାହୀଙ୍କ ଦ୍ୱାରା ରଚିତ। ଗବେଷକ ଫଣୀନ୍ଦ୍ର ଭୂଷଣ ନନ୍ଦ ଭଗବତୀ ଚରଣଙ୍କ ସମ୍ପର୍କରେ ଅଭୁକ୍ତ ଗବେଷଣା ଶୀର୍ଷକ ପ୍ରବନ୍ଧରେ ଏ ସମ୍ପର୍କରେ ସ୍ୱଷ୍ଟ କରିଛନ୍ତି। ତେବେ ଭଗବତୀ ଚରଣ ଜଣେ ଗାଳ୍ପିକ ହିସାବରେ ହାତ ଗଣତି ୧୦ରୁ ୧୨ଟି ଗଳ୍ପ ଲେଖି ଓଡ଼ିଆ ଗଳ୍ପ ସାହିତ୍ୟରେ ନିଜର ବଳିଷ୍ଠ ସ୍ୱାକ୍ଷର ଛାଡ଼ିଛନ୍ତି ।

ସାହିତ୍ୟ କେବଳ ବିଳାସପୂର୍ଣ୍ଣ କଳାପ୍ରାଣ ସ୍ରଷ୍ଟାର ଅଭିବ୍ୟକ୍ତି ନୁହେଁ, ସାହିତ୍ୟ ସାମାଜିକ ପ୍ରତିବଦ୍ଧତାର ଏକ ସ୍ପଷ୍ଟ ଉଚ୍ଚାରଣ। ଏହିପରି ଏକ ସ୍ପଷ୍ଟ ଆଭିମୁଖ୍ୟକୁ ସାହିତ୍ୟର ସୌନ୍ଦର୍ଯ୍ୟବୋଧ ଦେଇ ଜୀବନବୋଧ ଆଡ଼କୁ ସଞ୍ଚରିତ କରିପାରିଥିଲେ ଭଗବତୀ ଚରଣ ପାଣିଗ୍ରାହୀ। ଅତ୍ୟାଚାରିତ ଓ ଅବହେଳିତ ମଣିଷମାନଙ୍କ ଜୀବନଚିତ୍ର ଅଙ୍କନ କରି ସେମାନଙ୍କ ପାଇଁ ଏକ ମର୍ଯ୍ୟାଦାଜନକ ଜୀବନ ଗଠନ କରିବାର ଉନ୍ମାଦନାରେ ବିଭୋର୍ ଭଗବତୀ ଚରଣ ପାଣିଗ୍ରାହୀ ନିଜ ଗଳ୍ପଗୁଡିକରେ ସେହିମାନଙ୍କର ଅଧିକାର କଥା ଉଠାଇଛନ୍ତି। କରୁଣତାର ଭାବଘେନି ଚରିତ୍ରର ଦୁଃଖାନ୍ତକ ପ୍ରତିମୂର୍ତ୍ତି ଗଢ଼ିବା ବଦଳରେ ସଚେତନତାର ବାର୍ତ୍ତା ପ୍ରଚାର କରିବା ତାଙ୍କ ଗଳ୍ପକାରିତାର ମୁଖ୍ୟ ବିଶେଷତ୍ୱ। ୧୯୩୫ ମସିହା ନଭେମ୍ବରରେ 'ନବଯୁଗ ସାହିତ୍ୟ ସଂସଦ' ଗଠନ ଓ ୧୯୩୬ରେ ଆଧୁନିକ ପତ୍ରିକାର ପ୍ରକାଶନ ଭଗବତୀଙ୍କ ଆଭିମୁଖ୍ୟକୁ ସ୍ୱଷ୍ଟ ପ୍ରତିପାଦନ କରିବାରେ ସହାୟକ ହୋଇଥିଲା। 'ଆଧୁନିକ' ପତ୍ରିକାର ଉଦ୍ଦେଶ୍ୟ ସଂର୍ପକରେ ଉଲ୍ଲେଖ କରିବାକୁ ଯାଇ ଭଗବତୀ ଚରଣ ପାଣିଗ୍ରାହୀ ଲେଖିଥିଲେ-

*"ପ୍ରବନ୍ଧ ହେଉ, କବିତା ହେଉ, ଗଳ୍ପ ଉପନ୍ୟାସ ନାଟକ ହେଉ, ଯାହା ମାନବକୁ କର୍ମକ୍ଷେତ୍ରକୁ ପ୍ରଧାବିତ କରିବ, ଯାହା କର୍ମର ଉଦ୍ଦୀପନା ମାନବ ମନରେ ଆଣିଦେବ, ସେହିପରି ଲେଖା ଆଧୁନିକରେ ପ୍ରକାଶ ପାଇବ। ଆରାମ ଚୌକିରେ ବସି ପଢ଼ିବାଯୋଗ୍ୟ ସୂକ୍ଷ୍ମ ସୌଖିନ ସାହିତ୍ୟ ପାଇଁ ଆଧୁନିକରେ ସ୍ଥାନ ପ୍ରଶସ୍ତ ନୁହେଁ"*

ସେହି ଆଧୁନିକ ପତ୍ରିକାରେ ୧୯୩୬ ମସିହା ମେ ମାସରେ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଲିଖନୀରୁ ଓଡ଼ିଆ ସାହିତ୍ୟର ଅନ୍ୟତମ କାଳଜୟୀ ଗଳ୍ପ ଶିକାର ପ୍ରକାଶ ପାଇଥିଲା। 'ଶିକାର' ଗଳ୍ପଟି ଆଧୁନିକ ପତ୍ରିକାରେ ପ୍ରକାଶିତ ହୋଇଥିଲା। ଏହି ଗଳ୍ପର ନାୟକ ହେଉଛି ଘିନୁଆ। ଘିନୁଆ ସ୍ତ୍ରୀ ଉପରେ ଗୋବିନ୍ଦ ସର୍ଦ୍ଦାର କୁଦୃଷ୍ଟି ପଡିବା ପୂର୍ବରୁ ସେ ଅନେକ ନିରୀହଙ୍କ ସମ୍ପତ୍ତି ଆତ୍ମସାତ କରିଛି । ଅନେକ ପରିବାରକୁ ଉଚ୍ଛନ୍ନ କରିଛି ଓ ଝିଅବୋହୂଙ୍କ ଇଜ୍ଜତ ଉପରେ ହାତ ଦେଇଛି । ଶୋଷିତ ବ୍ୟକ୍ତି ଚିରକାଳ ଶୋଷଣ ହେଲେ ବି ସାହସ ଜୁଟାଇ ପାରେନା ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ। ଘିନୁଆ ଜାଣେ ଯେ ବାଘ ମାରିଲେ ସାହେବ ପୁରସ୍କାର ଦିଅନ୍ତି । ଗୋବିନ୍ଦ ସର୍ଦ୍ଦାର ବାଘଠାରୁ ଭୟଙ୍କର କାରଣ ବାଘର ପେଟପୂରିଲେ ସେ ମଣିଷକୁ ଚାହେଁନାହିଁ ମାତ୍ର ସର୍ଦ୍ଦାରର ପେଟ କେବେ ପୂରେ ନାହିଁ । ଗୋବିନ୍ଦର ସର୍ଦ୍ଦାର କଟାମୁଣ୍ଡ ଧରି ସେ ଥାନାକୁ ଆସି ବକସିସ୍ ଦାବି କରିଛି । ଏପରି କି ମଣିଷ ମାରିବା ଅପରାଧରେ ଫାଶୀଖୁଣ୍ଟକୁ ଯିବା ପର୍ଯ୍ୟନ୍ତ ସେ ବକସିସ୍ ପାଇବ ବୋଲି ହିଁ ବିଶ୍ୱାସ କରିଛି । ମାତ୍ର ପରିଣତିରେ ଘିନୁଆ ଫାଶୀ ପାଇଛି। ଏହାହିଁ ହେଉଛି ଶିକାର ଗପର ସଂକ୍ଷିପ୍ତ କଥାବସ୍ତୁ।

ନିର୍ଦ୍ୱନ୍ଦ୍ୱରେ ଓଡ଼ିଆ ଗଳ୍ପ ସାହିତ୍ୟର ଏକ ଅନାବଦ୍ୟ କୃତି ଭାବରେ 'ଶିକାର' ଗଳ୍ପକୁ ସ୍ୱୀକାର କରାଯାଇ ପାରିବ। ଏହି ଗଳ୍ପ ମାଧ୍ୟମରେ ଓଡ଼ିଆ କ୍ଷୁଦ୍ରଗଳ୍ପର ନବୀନ ଦୀପ୍ତି ଓ ଦ୍ୟୁତି ଉଦ୍ଭାସିତ ହୋଇଥିଲା। ଗାଳ୍ପିକ ଭଗବତୀ ଚରଣ ପାଣିଗ୍ରାହୀ ଶିକାର ଗଳ୍ପରେ ସମାଜବାଦୀ ଚେତନାର ସଫଳ ରୂପାୟନ ଦେଖିବାକୁ ମିଳେ। ଓଡ଼ିଆ ଗଳ୍ପ ସାହିତ୍ୟର ପ୍ରଥମ ପର୍ଯ୍ୟାୟରେ ଗଳ୍ପକଳାର ପ୍ରକୃତ ମାନଦଣ୍ଡ ଦୃଷ୍ଟିରୁ ଶିକାର ଏକ ସାର୍ଥକ ଓ ଅନତିକ୍ରମଣୀୟ କ୍ଷୁଦ୍ରଗଳ୍ପ। ଓଡ଼ିଆ ଗଳ୍ପର ଇତିହାସକୁ ଅନୁଧ୍ୟାନ କଲେ ପ୍ରଥମକରି ଚେତନା ଓ ସଂରଚନାର ନବୀନତାକୁ ଏକାଠି ସମ୍ମନ୍ୱିତ ହେବାର ଦେଖିବାକୁ ମିଳେ। ତେବେ ଏହି ଗଳ୍ପକୁ ନେଇ ସମାଲୋଚକମାନେ ଅନେକ ଦୃଷ୍ଟିରୁ ବିଚାର କରିଛନ୍ତି। ଅନେକ ତତ୍ତ୍ୱକୁ ନେଇ ଗପକୁ ପରଖିଛନ୍ତି। ସେହି କଥାର ପୁନରାବୃତ୍ତି ନକରି ଶିକାର ଗଳ୍ପର କେବଳ ତିନୋଟି ଦିଗ ସମ୍ପର୍କରେ ଆଲୋକ ପାତ କରିବାକୁ ଯାଉଛି। ୧-ପ୍ରକୃତ ଶିକାର କିଏ? ୨- ପ୍ରାକୃତିକ ନ୍ୟାୟ ବନାମ ଆଇନଗତ ନ୍ୟାୟ (Natural Justice vs. Legal Justice) ୩- ଶିକାର' ଏକ ପ୍ରଗତିଶୀଳ ଗଳ୍ପ କି ନୁହେଁ?

### ବିଡମ୍ବିତ ଶିକାର ଓ ଶିକାରୀର ଅନ୍ୱେଷଣ :

ଭଗବତୀ ଚରଣ ପାଣିଗ୍ରାହୀ ଗଳ୍ପର ନାମକରଣ ରଖିଛନ୍ତି ଶିକାର। ଶିକାରର ଅନେକ ଅର୍ଥ ରହିଥିଲେ ମଧ୍ୟ ଏହି ଗଳ୍ପ ଦୃଷ୍ଟିରୁ ଦୁଇଟି ପ୍ରମୁଖ ଅର୍ଥ ଗୁରୁତ୍ୱପୂର୍ଣ୍ଣ। ହିଂସ୍ରଜନ୍ତୁର ହତ୍ୟା କରିବା କିମ୍ବା ନିଜ ଷଡଯନ୍ତ୍ରର ଜାଲରେ କାହାକୁ ପକାଇବା। ଘିନୁଆ ଜଣେ ପୋଖତ ଶିକାରୀ। ଗଳ୍ପର ପ୍ରଥମଧାଡ଼ିରେ କୁହାଯାଇଛି-"ସେ ଅଞ୍ଚଳରେ ଘିନୁଆର ନାମ ବିଖ୍ୟାତ-ଶିକାରୀ ହିସାବରେ।" ଗଳ୍ପର ଆରମ୍ଭରୁ ହିଁ ପାଠକ ଘିନୁଆକୁ ଜଣେ "ଶିକାରୀ" ଭାବେ ଦେଖେ। ଯେଉଁ ଶିକାରୀର ପ୍ରଧାନ ଅସ୍ତ୍ର ବନ୍ଧୁକ ନୁହେଁ ବରଂ ହାତ ତିଆରି ଧନୁଶର। ଅଗଣନ ହରିଣ, ସମ୍ବର, ବାରହା, ଭାଲୁ, ଚିତାବାଘ ଏମିତିକି ଗୋଟେ ଦୁଇଟା ମହାବଳ ମାରି ଜଣେ ଦକ୍ଷ ଶିକାରୀ ଭାବରେ ଘିନୁଆ କମିଶନରଠୁ


© 2026 ଆଲୋକ ରଞ୍ଜନ ଷଡଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ପୁରସ୍କୃତ ହୋଇଛି। ଗୋବିନ୍ଦ ସରଦାରର ସଜ କଟାମୁଣ୍ଡ ନେଇ ଯେତେବେଳେ କମିଶନର ରହୁଥିବା ବଙ୍ଗଳାରେ ପହଞ୍ଚିଛି ସେତେବେଳ ଯାଏଁ ଘିନୁଆ ହିଁ ପାଠକ ଆଖିରେ ପ୍ରକୃତ ଶିକାରୀ ପରି ମନେହୋଇଛି। କିନ୍ତୁ ଗଳ୍ପ ଶେଷ ବେଳକୁ ପାଠକର ଦୃଷ୍ଟିକୋଣ ସମ୍ପୂର୍ଣ୍ଣରୂପେ ବଦଳିଯାଏ। ସେ ଅନୁଭବ କରେ ଯେ ଘିନୁଆ ଶିକାରୀ ନୁହେଁ, ସେ ନିଜେ ଏକ ବଡ଼ ଶିକାର। ସମାଜର ତଥାକଥିତ ବୁଦ୍ଧିଜୀବି ଓ ବଡ଼ମଥାମାନେ ତିଆରିଥିବା ବ୍ୟବସ୍ଥାର ଶିକାର ହେଉଛି ଘିନୁଆ। ବ୍ୟବସ୍ଥା ହିଁ ସେମାନଙ୍କଙ୍କର ପ୍ରମୁଖ ଅସ୍ତ୍ର। ଭଗବତୀ ଚରଣ ପାଣିଗ୍ରାହୀ ଅତ୍ୟନ୍ତ କଳାତ୍ମକ ଢଙ୍ଗରେ ପାଠକର ଦୃଷ୍ଟିକୋଣ(Perspective)କୁ ପରିବର୍ତ୍ତନ କରିଛନ୍ତି। Perspective Shift ଫଳରେ ଯେଉଁ ଚରିତ୍ରଟିକୁ ପାଠକ ବୀରତ୍ୱ ଓ ଦାମ୍ଭିକପଣର ପ୍ରତିନିଧି ମନେ କରୁଥିଲା ସେହି ଚରିତ୍ର ପ୍ରତି ତାର ଆଜ୍ଞାତସାରରେ ଅହେତୁକ ସମ୍ବେଦନା ସୃଷ୍ଟି ହୋଇଛି। ବ୍ୟବସ୍ଥା ବିରୁଦ୍ଧରେ ପ୍ରଶ୍ନ କରିବାକୁ ପାଠକକୁ ବାଧ କରେ।

**ସାମ୍ୟବାଦର ସାର୍ଥକ ସ୍ୱର ଶିକାର :** ଏକ ସନ୍ଦେହମୋଚନ ଶିକାର ଗଳ୍ପରେ ଘିନୁଆ ଶୋଷିତ ବର୍ଗର ପ୍ରତିନିଧିତ୍ୱ କରି ଶୋଷିତ ବ୍ୟବସ୍ଥାର ପ୍ରତୀକ ଗୋବିନ୍ଦ ସର୍ଦ୍ଦାରକୁ ହତ୍ୟାକରିଛି। ଏଥିରୁ ଓଡ଼ିଆ ପାଠକ ବିପ୍ଲବର ଏକ ଆଦ୍ୟାଭାସକୁ ଅନୁଭବ କରନ୍ତି। ସେମାନେ ଶିକାର ଗଳ୍ପର ପ୍ରକାଶ ପରେ ଘିନୁଆ ଚରିତ୍ରର ପ୍ରତିଶୋଧକୁ ଶୋଷଣ ବିରୁଦ୍ଧରେ ଏକ ପ୍ରତିବାଦ ବୋଲି ଗ୍ରହଣ କରିଛନ୍ତି। ଓଡ଼ିଆ ସାହିତ୍ୟରେ ଘିନୁଆ ଶ୍ରେଣୀ ଚେତନାର ଆଦ୍ୟ ଝଙ୍କାରରେ ପରିଗଣିତ ହୋଇଛି। ସମାଜବାଦୀ ସମାଜ ଗଠନର ମୁଖ୍ୟ ସୂତ୍ରଧର ଭାବରେ ଘିନୁଆକୁ ସ୍ୱୀକୃତି ମିଳିଛି। ସମାଲୋଚକ ନଟବର ସାମନ୍ତରାୟ ଶିକାର ଗଳ୍ପକୁ ମାର୍କ୍ସ ପ୍ରବର୍ତ୍ତିତ ସାମ୍ୟବାଦୀ ଦର୍ଶନର କଳାଗତ ସୃଷ୍ଟି ଭାବରେ ସ୍ୱୀକୃତି ପ୍ରଦାନ କରିଛନ୍ତି। ସେହି ମତକୁ ସମର୍ଥନ କରି ଭଗବତୀ ଚରଣ ଗଳ୍ପମାଳା ପୁସ୍ତକର ମୁଖବନ୍ଧରେ ବିଜୟ ଶତପଥୀ ଲେଖିଛନ୍ତି –

*‘ଶିକାର’ ଗଳ୍ପରେ ସେ ଶ୍ରେଣୀ ସଂଘର୍ଷର ଚିତ୍ର ଦେଇଛନ୍ତି ଓ ଶୋଷିତ ହାତରେ ମୁକ୍ତିର ଓ ସଂଗ୍ରାମର ଅସ୍ତ୍ର ଟେକି ଦେଇଛନ୍ତି ।ଦୃଢ଼ ସାମାଜିକ ଅଂଗୀକାରର ସ୍ୱର ଧ୍ୱନିତ ଏ ଗଳ୍ପରେ । ଶୋଷିତ ଗୋଷ୍ଠୀର ପ୍ରତୀକ ଆଦିବାସୀ ଘିନୁଆ ଏଠାରେ ଶୋଷକ ସାହୁକାର ଗୋବିନ୍ଦ ସର୍ଦ୍ଦାରକୁ ହତ୍ୟା କରିଛି । ୧୯୩୬ ମସିହା ପୂର୍ବରୁ ଓଡ଼ିଆ ସାହିତ୍ୟରେ ବିଦ୍ରୋହର ଅଗ୍ନି ସ୍ଫୁଲିଙ୍ଗକୁ ଏପରି କେହି ରୂପ ଦେଇଥିବାର ଜଣାଯାଏ ନାହିଁ । ଘିନୁଆ ମାଧ୍ୟମରେ ଭଗବତୀ ଏଠାରେ ଯୁଗ ଯୁଗର ମଣିଷ ଗଢ଼ା ଅତ୍ୟାଚାର, ଶୋଷଣ ଓ ଲୁଣ୍ଠନର ପ୍ରାଚୀର ଉପରେ ଶକ୍ତ ଆଘାତ ହାଣିଛନ୍ତି । ଉଦାତ୍ତ କଣ୍ଠରେ ଶ୍ରେଣୀ ସଂଘର୍ଷ ଓ ଶ୍ରେଣୀ ଚେତନାର ସ୍ୱରକୁ ସ୍ପଷ୍ଟ କରି ଦେଇଛନ୍ତି’’[ଶତପଥୀ, ୨୦୦୭, ପୃ.xxx]*

କିନ୍ତୁ ଅପରପକ୍ଷରେ ଶିକାର ଗଳ୍ପକୁ ଶ୍ରେଣୀ ଚେତନା କୈନ୍ଦ୍ରିକ ଗଳ୍ପ ତଥା ତାର ନାୟକ ଘିନୁଆକୁ ସାମ୍ୟବାଦୀ ଚେତନାର ବାର୍ତ୍ତାବହ ଭାବରେ ଗ୍ରହଣ କରିବାକୁ ନେଇ କିଛି ସମାଲୋଚକ ବିପରୀତ ମତ ମଧ୍ୟ ଉପସ୍ଥାପନ କରିଛନ୍ତି। ସମ୍ଭବତଃ ସମାଲୋଚକ ବୈଷ୍ଣବ ଚରଣ ସାମଲ ଶିକାର ଗଳ୍ପର ସାମ୍ୟବାଦୀ ସ୍ୱର ପ୍ରତି ସନ୍ଦେହ ପ୍ରକାଶ କରିଛନ୍ତି। ତାଙ୍କ ବିଚାରରେ –

*‘‘ଘିନୁଆ ଶୋଷକ ସଇତାନ ଗୋବିନ୍ଦ ସର୍ଦ୍ଦାରର ଶୋଷଣ ସମ୍ପର୍କରେ ସଚେତନ। ସେହି ଜାନୁଆରକୁ ସେ ଶିକାର କରିଛି। ଏତିକିରେ ଘିନୁଆକୁ ଏକ ମାର୍କ୍ସବାଦୀ ଚରିତ୍ର କହିବାରେ ଯଥାର୍ଥ୍ୟ ଅଛି। ମାତ୍ର ସେ ନ୍ୟାୟ ଓ ନ୍ୟାୟାଳୟ ସମ୍ପର୍କରେ ସଚେତନ ନୁହେଁ‘‘ ପୁଣି – ‘‘ଗୋବିନ୍ଦ ସର୍ଦ୍ଦାର ତାର ସ୍ତ୍ରୀ ଉପରେ ଅତ୍ୟାଚାର କରିବାକୁ ଆସିଥିବାବେଳେ ସେ ତାକୁ ହତ୍ୟା କରିଛି। ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ଘିନୁଆ ମାର୍କ୍ସବାଦୀ ଚରିତ୍ର ନୁହେଁ’’* (ସାମଲ୧୯୯୦:୨୦୬)

ସମାଲୋଚକ ସାମଲଙ୍କ ଯୁକ୍ତିରୁ ଦୁଇଟି କଥା ସାମ୍ନାକୁ ଆସେ। ପ୍ରଥମତଃ ଘିନୁଆ ଶୋଷଣକୁ ନେଇ ସଚେତନ ଥିଲେ ହେଁ ଶ୍ରେଣୀ ଚେତନା ଏବଂ ନ୍ୟାୟ ଓ ନ୍ୟାୟାଳୟ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ। ଦ୍ୱିତୀୟରେ ଗୋବିନ୍ଦ ସର୍ଦ୍ଦାରର ହତ୍ୟା କରିବା ଘିନୁଆର ଏକାନ୍ତ ବ୍ୟକ୍ତିଗତ କ୍ରୋଧ ଓ ଜିଂଘାସାକୁ ସୂଚିତ କରୁଛି। ବୈଷ୍ଣବ ଚରଣ ସାମଲ ଯେଉଁ ସବୁ ଯୁକ୍ତି ଦେଇ ଶିକାରକୁ ସାମ୍ୟବାଦୀ ଗଳ୍ପ କହିବାକୁ ଦ୍ୱିଧା ପ୍ରକାଶ କରିଛନ୍ତି ଅନୁରୂପ ଭାବରେ କବି ଆଲୋଚକ ଶୈଳଜ ରବି ଓ ସମାଲୋଚକ ଆଲୋକ ବରାଳ ସେହି ଯୁକ୍ତିର ପୁନଃରୁକ୍ତି କରିଛନ୍ତି। ତେବେ ଏହି ମତ କେତେ ଦୂର ଯଥାର୍ଥ ସେ ସମ୍ପର୍କରେ ଆଲୋଚନା କରାଯାଇପାରେ।

ଘିନୁଆ ଚରିତ୍ରକୁ ସମାଜାବାଦୀ ସମାଜ ଗଠନର ନାୟକ କହିବାକୁ ସମାଲୋଚକଙ୍କ କୁଣ୍ଠାବୋଧର ପ୍ରଥମ ଯୁକ୍ତି ହେଉଛି ଯେ ଘିନୁଆ ଗୋବିନ୍ଦ ସର୍ଦ୍ଦାରକୁ ସ୍ୱଭାବିକ କ୍ରୋଧ ଓ ଜିଂଘାସାରେ ହତ୍ୟା କରିଛି। ତହିଁରେ ସମୂହର ମୁକ୍ତି କଥା ଜଡ଼ିତ ନାହିଁ। ତାହା ସମ୍ପୂର୍ଣ୍ଣ ଭାବରେ ଏକ ବ୍ୟକ୍ତିଗତ ପ୍ରତିଶୋଧ ପର୍ଯ୍ୟାୟଭୁକ୍ତ। ତେବେ ଏ ଯୁକ୍ତିର ଖଣ୍ଡନ କରିବାକୁ ଏତିକି କୁହାଯାଇ ପାରେ ଯେ ପ୍ରତିଟି ବିପ୍ଲବ ବ୍ୟକ୍ତିଗତ ସ୍ତରରୁ ଆରମ୍ଭ ହୋଇ ସମୂହକୁ ପ୍ରବାହିତ ହୁଏ। ଆଲବର୍ଟ କାମ୍ୟୁ ତାଙ୍କ ଗ୍ରନ୍ଥ The Rebelରେ ସ୍ପଷ୍ଟ କରିଛନ୍ତି ଯେ ବ୍ୟକ୍ତିଗତ ବିଦ୍ରୋହ ହିଁ ମାନବୀୟ ସମଷ୍ଟିର ଆରମ୍ଭ ବିନ୍ଦୁ। ସେ ଲେଖନ୍ତି: “I rebel—therefore we exist”। ଘିନୁଆର ନିଜ ସ୍ତ୍ରୀର ଅତ୍ୟାଚାର ବିରୋଧରେ କରିଥିବା ବ୍ୟକ୍ତିଗତ ପ୍ରତିଶୋଧ ଠିକ୍ ଏହି ଧରଣର ବିଦ୍ରୋହ — ଯାହା ପାଠକଙ୍କ ମଧ୍ୟରେ ଏକ ବୃହତ୍ତର ସାମାଜିକ ସଚେତନତା ସୃଷ୍ଟି କରେ। ଇତିହାସ ପୃଷ୍ଠାକୁ ଓଲଟାଇଲେ ଅସଂଖ୍ୟ ନିଦର୍ଶନ ଦେଖିବାକୁ ମିଳେ ଯେଉଁଥିରେ ବିପ୍ଲବର ପ୍ରଥମ ଆଭାସ ଏକ ବ୍ୟକ୍ତିର ଦୁଃଖ କିମ୍ବା ଯାତନାରୁ ସୃଷ୍ଟି ହୋଇଥିବା ଦଳିତ, ନିଷ୍ପେସିତ ମୂକ ଜନତାଙ୍କ ହୃଦୟରେ ବିପ୍ଲବର ଅଗ୍ନି ସଂଯୋଗ କରିଥିବା ଲେନିନ ହେଉଛନ୍ତି ତାର ଜୀବନ୍ତ ନିଦର୍ଶନ। ତାଙ୍କ ଭାଇ Alexander Ulyanovକୁ ଜାର୍ ଶାସନ ବିରୋଧରେ ଷଡଯନ୍ତ୍ର କରିବା ପାଇଁ ଫାସି ଦିଆଯାଇଥିଲା। ଯାହାକି ଲେନିନଙ୍କ ମନରେ ଗଭୀର ରେଖାପାତ କରିବା ସହିତ ତାଙ୍କୁ ବିପ୍ଲବ ପଥର ଯାତ୍ରୀ ହେବାକୁ ପ୍ରେରଣା ଦେଇଥିଲା। ତେବେ ଆମେ କହିପାରିବା କି ଯେ ଲେନିନ ବିପ୍ଲବୀ ନୁହଁନ୍ତି, ବ୍ୟକ୍ତିଗତ ଆକ୍ରୋଶରେ ବଶବର୍ତ୍ତୀ ଜଣେ ସାଧାରଣ ମଣିଷ?

ଅସ୍ୱୀକାରର ଦ୍ୱିତୀୟ କାରଣ ହେଉଛି ଘିନୁଆର ଶ୍ରେଣୀ ଚେତନା ତଥା ନ୍ୟାୟ ଓ ନ୍ୟାୟଳୟ ସମ୍ପର୍କିତ ଅସଚେତନତା। ଗଳ୍ପରେ ଘିନୁଆ ଚରିତ୍ରଟି ଠିକ୍ ଭାବରେ ଅନୁଭବ କରିଛି ଯେ -"ଗୋବିନ୍ଦ ସରଦାର ସାମାନ୍ୟ ଲୋକ ନୁହେଁ। ହାତରେ ତା'ର ଥାଏ ସବୁବେଳେ ବନ୍ଧୁକ। ବାଘଭାଲୁଙ୍କ ଅପେକ୍ଷା ଲୋକେ ତାକୁ ବେଶୀ ଭୟ କରନ୍ତି, ବାଘଭାଲୁଙ୍କ ଅପେକ୍ଷା ସେ ଲୋକଙ୍କର କ୍ଷତି କରେ ଢେର ବେଶୀ"। ଶୋଷକ ସଂର୍ପକରେ ଶୋଷିତର ଏତକ ସଚେତନତା ଯଥେଷ୍ଟ ନୁହଁ କି ପ୍ରଗତିଶୀଳତାର ନାୟକ ହେବାପାଇଁ। ଏଙ୍ଗେଲ୍ସ ମାର୍ଗାରେଟ୍ ହାର୍କନେସ୍‌ଙ୍କୁ ୧୮୮୮ ମସିହାରେ ଲେଖିଥିଲେ:

“*The rebellious reaction of the working class against the oppressive medium which surrounds them, their attempts—convulsive, half-conscious or conscious—at recovering their status as human beings, belong to history and must therefore lay claim to a place in the domain of realism.” (Engels 1888:165)*

**ଏହି ଉଦ୍ଧୃତି ଘିନୁଆର ଅର୍ଦ୍ଧ-ସଚେତନ ପ୍ରତିଶୋଧକୁ ପ୍ରଗତିଶୀଳ ସାହିତ୍ୟର ଅଂଶ ବୋଲି ପ୍ରମାଣିତ କରେ। ପୁଣି ଏଙ୍ଗେଲ୍ସ ଆହୁରି କହନ୍ତି:**

“*Realism, to my mind, implies, besides truth of detail, the truthful reproduction of typical characters under typical circumstances.” (ଏନଗେଲସ,1888. P.165)*

**ଏହା ତ ଗଲା ପ୍ରଗତିଶୀଳ ଚେତନା ଦୃଷ୍ଟିରୁ ଶିକାରକୁ ତଥା ଘିନୁଆକୁ ସାମ୍ୟବାଦୀ ସ୍ୱର କୁହାଯିବ କି ନାହିଁର ପ୍ରମାଣ। ଏବେ ଆଉ ପାଦେ ଆଗକୁ ବଢ଼ି ଶିକାର ଗଳ୍ପର**


© 2026 ଆଲୋକ ରଞ୍ଜନ ଷଡଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**ଶିଳ୍ପକଳା ଦୃଷ୍ଟିରୁ ନିର୍ଯ୍ୟାସ ଆଡ଼କୁ ପଞ୍ଚିବାର ପ୍ରଚେଷ୍ଟା କରିପାରିବା। ଭଗବତୀ ଚରଣ ପାଣିଗ୍ରାହୀ କଥା ସାହିତ୍ୟର କଳା ବୈଚିତ୍ର୍ୟ ପ୍ରବନ୍ଧରେ ଲେଖିଛନ୍ତି –**

"*ଇଙ୍ଗିତ (Suggestiveness) କଥା ସାହିତ୍ୟରେ କଳା କୁଶଳତାର ଅନ୍ୟତମ ପରିଚାୟକ। ଲେଖକ ବର୍ଣ୍ଣନା, ବିଶ୍ଳେଷଣ କରି ଚାଲିଥିବା, ଭାଷାର ଐଶ୍ୱର୍ଯ୍ୟ ଏବଂ ଗାରିମା ମଧ ଦେଇ। ଶେଷରେ ଗୋଟାଏ ଜାଗାରେ ଚୁପ୍ କରାଯିବା ଯେଉଁଠାରେ କହି କହି ଭାଷା ଅନାଟନ ବୋଧ ହେବାର କଥା। ଏ ନୀରବତା ବାଚାଳତା ଅପେକ୍ଷା ଅଧିକ ମୁଖର ହୋଇ ଉଠେ। ଏଠାରେ ବିଶ୍ଳେଷଣର ଚେଷ୍ଟା କେବଳ ଧୃଷ୍ଟତା - ମନ୍ଦଶିଳ୍ପୀର ଲକ୍ଷଣ।"* (ଭଗବତୀ ସଞ୍ଚୟନ,୧୯୮୫, ପୃ.୯୪)

ଗଳ୍ପର ଶିଳ୍ପଧର୍ମକୁ ନେଇ ସଚେତନ ଥିବା ଗାଳ୍ପିକ ଭଗବତୀଙ୍କ ଉପରୋକ୍ତ ମନ୍ତବ୍ୟ 'ଘିନୁଆ' ଚରିତ୍ରର ଚାରିତ୍ରିକ ମହତ୍ତ୍ୱକୁ ପ୍ରତିପାଦିତ କରିବା ପାଇଁ ପ୍ରଯୁଜ୍ୟ। ଚରିତ୍ରଟିଏ ସବୁକଥାକୁ ବର୍ଣ୍ଣନା କରି ବସେ ନାହିଁ ପାଠକ ନିଜର ଗଭୀର ଜୀବନାନୁଭୂତି ଫଳରେ ସବୁକଥାର ଠାରକୁ ବୁଝିଯାଏ। ଘିନୁଆ ନ୍ୟାୟ ଓ ନ୍ୟାୟାଳୟ ସଂପର୍କରେ ସଚେତନ କି ନୁହଁ ସେ ବଡ଼କଥା ନୁହଁ। ଯେଉଁ ପାଠକ ବିଚାରକ ଜଣକ ବସିଛି ସେ ଘିନୁଆକୁ କେଉଁ ନ୍ୟାୟ ଦିଆଯିବା ଉଚିତ୍ ସେ କଥା ବିଚାର କରିପାରୁଛି କି ନାହିଁ ତାହା ହିଁ ମୁଖ୍ୟ । ପ୍ରଗତିଶୀଳ ଲେଖକ ଜୀବନର ଅନୁକରଣକୁ ଗୁରୁତ୍ୱ ଦିଏ ନାହିଁ ବରଂ ସେ ପାଠକର ଚେତନକୁ ଆଘାତ ଦେଇ ତାକୁ ଜାଗ୍ରତ କରିବା ଦିଗ ପ୍ରତି ଗୁରୁତ୍ୱଦିଏ। ଏଙ୍ଗେଲ୍ସ ମିନ୍ନା କାଉଟ୍ସକୀଙ୍କୁ ୧୮୮୫ ମସିହାରେ ଲେଖିଥିଲେ:-

*"I am not at all opposed to tendentious poetry as such… But I believe that the tendency should spring from the situation and action as such, without its being expressly alluded to, nor is there any need for the writer to present the reader with the future historical solution to the social conflicts he describes."*

ଏହା ଭଗବତୀଙ୍କ ଗଳ୍ପାଦର୍ଶକୁ ସମର୍ଥନ କରେ-ଘିନୁଆ କୌଣସି ପ୍ରଚାରକ ନୁହେଁ, ତା'ର କାର୍ଯ୍ୟ ଓ ପରିସ୍ଥିତି ହିଁ ପ୍ରଗତିଶୀଳ ବାର୍ତ୍ତା ଦିଏ। ନିଜେ ସ୍ରଷ୍ଟା ହିଁ ସାମ୍ୟବାଦର ଅଧିବକ୍ତା।

**ପ୍ରାକୃତିକ ନ୍ୟାୟ ବନାମ ଆଇନଗତ ନ୍ୟାୟ :**

ଶିକାର ଗଳ୍ପର ସବୁଠୁ ବଡ଼ ଦ୍ୱନ୍ଦ୍ୱ ହେଉଛି 'ନ୍ୟାୟ'। ଘିନୁଆର ଦୃଷ୍ଟିରେ, ଯିଏ ତା'ର ସଂସାର ଉଜାଡ଼ିଲା, ତାକୁ ଦଣ୍ଡ ଦେବା ଉଚିତ। ସରକାର ବାଘ ମାରିଲେ ପୁରସ୍କାର ଦିଅନ୍ତି, ତେଣୁ ଜଣେ "ନର ରୂପି ପଶୁ"କୁ ମାରିଲେ ମଧ ପୁରସ୍କାର ମିଳିବା କଥା— ଏହା ତା'ର ପ୍ରାକୃତିକ ନ୍ୟାୟ। ଏହି ନ୍ୟାୟ ମଣିଷର ଅନ୍ତରାତ୍ମାର କଥା ଶୁଣେ। ମାନବୀୟ ବିବେକ, ମାନବୀୟ ନୈତିକତାରୁ ଏହି ନ୍ୟାୟବୋଧର ଜନ୍ମ। କିନ୍ତୁ କୋର୍ଟ କଚେରୀର ଆଇନଗତ ନ୍ୟାୟ ସମ୍ପୂର୍ଣ୍ଣ ଭିନ୍ନ। ଏହି ଆଇନ ଶୋଷିତର ଭାଷା ବୁଝେ ନାହିଁ। ଏହି ବୈଷମ୍ୟଜନିତ ଦ୍ୱନ୍ଦ୍ୱ ହିଁ ଶିକାର ଗଳ୍ପର ମୂଳ ସ୍ୱର। ଘିନୁଆ ଯେତେବେଳେ ଗୋବିନ୍ଦ ସର୍ଦାରର କଟା ମୁଣ୍ଡ ନେଇ ଥାନାରେ ପହଞ୍ଚି କହେ, "ମୁଁ ଶିକାର କରିଛି, ମୋର ପୁରସ୍କାର ଦିଅ", ସେତେବେଳେ ସେ ପ୍ରାକୃତିକ ନ୍ୟାୟର ପ୍ରତୀକ ହୋଇ ଉଠେ। ତା'ର ଦୃଷ୍ଟିରେ ଜମିଦାରଙ୍କ ଅତ୍ୟାଚାର (ବିଶେଷକରି ତା'ର ସ୍ତ୍ରୀର ଉପରେ) ଏକ ଘୋର ଅନ୍ୟାୟ ଓ ସେ ତା'ର ପ୍ରତିକାର କରିଛି। ଏହା ତା'ର ପ୍ରାକୃତିକ ନ୍ୟାୟବୋଧ। କିନ୍ତୁ ଆଇନଗତ ନ୍ୟାୟ ଏହାକୁ ସ୍ୱୀକାର କରେ ନାହିଁ। ଘିନୁଆକୁ ଫାଶୀ ଦିଆଯାଏ। ଏଠାରେ ଆଇନ ହିଁ ଶୋଷକ ବ୍ୟବସ୍ଥାର ରକ୍ଷକ ହୋଇ ଉଠେ। ଗୋବିନ୍ଦ ସର୍ଦାର ଯେଉଁ ଅତ୍ୟାଚାର କରୁଥିଲେ, ସେଥିରେ ଆଇନ ନିରବ ରହିଥିଲା, କିନ୍ତୁ ଘିନୁଆର ପ୍ରତିକ୍ରିୟାରେ ଆଇନ ତୀବ୍ର ହୋଇ ଉଠିଲା। ଏହା ପ୍ରମାଣ କରେ ଯେ ଆଇନଗତ ନ୍ୟାୟ ପ୍ରାୟତଃ ଶୋଷକ ବର୍ଗର ସ୍ୱାର୍ଥରେ କାର୍ଯ୍ୟ କରେ, ଯେତେବେଳେ ପ୍ରାକୃତିକ ନ୍ୟାୟ ଶୋଷିତର ଅନ୍ତରାତ୍ମାର ସ୍ୱର। ଘିନୁଆର ଏହି ବ୍ୟକ୍ତିଗତ ପ୍ରତିକ୍ରିୟା ପ୍ରାକୃତିକ ନ୍ୟାୟର ଏକ ସରଳ ଓ ନିର୍ମମ ଉଦାହରଣ। ସେ ଆଇନ ବୁଝେ ନାହିଁ, କିନ୍ତୁ ନ୍ୟାୟ ବୁଝେ। ସେ ଜାଣେ ଯେ ଗୋବିନ୍ଦ ସର୍ଦାର ସାମାନ୍ୟ ଲୋକ ନୁହେଁ — "ହାତରେ ତା'ର ଥାଏ ସବୁବେଳେ ବନ୍ଧୁକ। ବାଘଭାଲୁଙ୍କ ଅପେକ୍ଷା ଲୋକେ ତାକୁ ବେଶୀ ଭୟ କରନ୍ତି, ବାଘଭାଲୁଙ୍କ ଅପେକ୍ଷା ସେ ଲୋକଙ୍କର କ୍ଷତି କରେ ଢେର ବେଶୀ।" ଏହି ସଚେତନତା ସତ୍ତ୍ୱେ ଆଇନ ତାଙ୍କୁ ଦଣ୍ଡ ଦେଇ ପ୍ରାକୃତିକ ନ୍ୟାୟକୁ ଦମନ କରେ। ଭଗବତୀ ଚରଣ ଏହି ବିରୋଧାଭାସ ମାଧ୍ୟମରେ ଦର୍ଶାଇଛନ୍ତି ଯେ ଶୋଷିତ ବର୍ଗର ପ୍ରାକୃତିକ ନ୍ୟାୟବୋଧ ଓ ରାଜ୍ୟର ଆଇନଗତ ନ୍ୟାୟ ପ୍ରାୟତଃ ବିପରୀତ ମୁଖ ଧାରଣ କରେ। ଘିନୁଆର ଫାଶୀ ହେବା ଦ୍ୱାରା ଲେଖକ ପାଠକଙ୍କୁ ପ୍ରଶ୍ନ କରିବାକୁ ବାଧ କରନ୍ତି — ପ୍ରକୃତ ନ୍ୟାୟ କେଉଁଟା? ଯିଏ ଶୋଷକଙ୍କୁ ରକ୍ଷା କରେ, ନା ଯିଏ ଶୋଷିତର ଅନ୍ତରରୁ ଉଠେ? ମାର୍କ୍ସତତ୍ତ୍ୱ କୁହେ "Law is an instrument of class domination' ଅର୍ଥାତ ଆଇନ ସଦାସର୍ବଦା ଶୋଷକମାନଙ୍କ ଏକ ସଶକ୍ତ ଆୟୁଧ। ସେଥିପାଇଁ ତ ଗାଳ୍ପିକ ଗଭୀର ଶ୍ଳେଷରେ ଲେଖିଛନ୍ତି-

*"ଝପଟସିଂହକୁ ମାରିବା ଓ ଗୋବିନ୍ଦ ସର୍ଦାରକୁ ମାରିବା ଏକା କଥା ନୁହେଁ, ସେ ବୁଝିବ କାହୁଁ ? ସେ ଜାଣିଲା ନାହିଁ ଯେ ଗୋଟିଏ ଗୌରବର ବିଷୟ ଓ ଅନ୍ୟଟି ଦୋଷାବହ । ଆଇନର ସୂକ୍ଷ୍ମ ଜାଲରେ ପଶିବାକୁ ତା'ର ମୁଣ୍ଡ କାହିଁ? ସେ ଯେ ବଣୁଆ ସାନ୍ତାଳ !"*

**ଶେଷକଥା**

"ଚରିତ୍ରସବୁ ଚଳନଶୀଳ ଚଳଚିତ୍ର ପରି, ସେମାନଙ୍କର ରକ୍ତମାଂସର ଶରୀର। ଆଘାତ ପାଇଲେ ସେମାନଙ୍କୁ କଷ୍ଟହୁଏ। ସେମାନେ ଅକ୍ଷୟ କବଚ ପିନ୍ଧି ନଥାନ୍ତି। କାମ, କ୍ରୋଧ, ଲୋଭ ମୋହର ସେମାନେ ଅଧିନ। ଜୀବନ ପଥରେ ସେମାନଙ୍କର ପଦେପଦେ ସ୍ଖଳନ ହୁଏ। ସିଦ୍ଧପୁରୁଷ ହୋଇ ସେମାନଙ୍କର ଉପନ୍ୟାସରେ ଆବିର୍ଭାବ ହୋଇ ନଥାଏ। ଏବଂ କୌଣସି ଚରିତ୍ର ଏକାବେଳେ ଗୋଟିଏ ନିପଟ ସୟତାନ ହୋଇ ଆଧୁନିକ ଉପନ୍ୟାସରେ ଅବତୀର୍ଣ୍ଣ ହୁଏନାହିଁ।" ଆଧୁନିକ ଉପନ୍ୟାସର ଚରିତ୍ର ସଂପର୍କରେ ଉଲ୍ଲେଖ କରିବାକୁ ଯାଇ ଭଗବତୀ ଚରଣ ପାଣିଗ୍ରହୀ ଦେଇଥିବା ଏହି ମନ୍ତବ୍ୟଟି ତାଙ୍କ ଘିନୁଆ ପାଇଁ ପ୍ରଯୁଜ୍ୟ। ଘିନୁଆ ଏକ ବିଚାରଧାରାର ପ୍ରୋପାଗଣ୍ଡାଧର୍ମୀ ନାୟକ ନୁହଁ ସେ ଏକ କଳାତ୍ମକ ବିପ୍ଳବୀପୁରୁଷ। ଶିକାର ଜଣେ ପ୍ରଗତିଶୀଳ ସ୍ରଷ୍ଟାର ସୁପରିକଳ୍ପିତ ଓ ସୁସଜ୍ଜିତ କ୍ଷୁଦ୍ରଗଳ୍ପ ଏଥିରେ ଦ୍ୱିମତ ନାହିଁ।

**ସହାୟକ ଗ୍ରନ୍ଥସୂଚୀ**


୧. ଗାହାଣ କପିଳେଶ୍ୱର। *ସୀମାବଦ୍ଧତା ଓ ମୁକ୍ତିର ସପ୍ନ।* କଟକ: ଅଗ୍ରଦୂତ; ୧୯୯୪।

୨. ଦାସ କିଶୋରୀଚରଣ। *କଥା ସାହିତ୍ୟର କଳା ଓ କାରିଗରୀ।* ଭୁବନେଶ୍ୱର: ଇଷ୍ଟର୍ଣ୍ଣ ମିଡ଼ିଆ; ୧୯୯୦।

୩. ପଟ୍ଟନାୟକ ବିଭୂତି। *ଆଧୁନିକ ଓଡ଼ିଆ କଥା ସାହିତ୍ୟ।* କଟକ: ଗ୍ରନ୍ଥମନ୍ଦିର; ୨୦୧୦।

୪. ପାଣିଗ୍ରାହୀ ଭଗବତୀ ଚରଣ। *ଭଗବତୀ ସଞ୍ଚୟନ।* ନବଯୁଗ ଗ୍ରନ୍ଥାଳୟ; ୧୯୮୫।

୫. ସାମଲ ବୈଷ୍ଣବ ଚରଣ। *ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ (୧୯୨୦-୫୦)।* କଟକ: ବୁକ୍ସ ଏଣ୍ଡ ବୁକ୍ସ; ୧୯୯୦।

୬. ସାମଲ ପ୍ର. ବୈଷ୍ଣବ ଚରଣ। *ଓଡ଼ିଆ ଗଳ୍ପ ଉନ୍ମେଷ ଓ ଉତ୍ତରଣ।* କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ; ୨୦୧୫।

୭. ଶତପଥୀ ବିଜୟ କୁମାର। *ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଧାରା।* କଟକ: ଓଡ଼ିଶା ବୁକ ଷ୍ଟୋର; ୧୯୯୫।



© 2026 ଆଲୋକ ରଞ୍ଜନ ଷଡଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

Engels F. Letter to Margaret Harkness. Marxists Internet Archive; 1888. Available from: https://www.marxists.org/archive/marx/works/1888/letters/88_04_15.htm.

**Creative Commons License**

This article is an open-access article distributed under the terms and conditions of the Creative Commons Attribution–NonCommercial–NoDerivatives 4.0 International (CC BY-NC-ND 4.0) License. This license permits users to copy and redistribute the material in any medium or format for non-commercial purposes only, provided that appropriate credit is given to the original author(s) and the source. No modifications, adaptations, or derivative works are permitted.

**About the Corresponding Author**



**ଅଧ୍ୟାପକ ଆଲୋକ ରଞ୍ଜନ ଷଡଙ୍ଗୀ** - ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ସମର୍ପିତ ଜଣେ ଶ୍ରଦ୍ଧେୟ ସାରସ୍ୱତ ସାଧକ। ବର୍ତ୍ତମାନ ସେ ଢେଙ୍କାନାଳର ପ୍ରସିଦ୍ଧ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ଅଧ୍ୟାପନା କରିବା ସହ ଓଡ଼ିଆ ସାହିତ୍ୟର ସମୃଦ୍ଧି ପାଇଁ ନିରନ୍ତର ଚେଷ୍ଟାରତ। ଶବ୍ଦର ଗାମ୍ଭୀର୍ଯ୍ୟ ଏବଂ ନୂତନ ଚିନ୍ତାଧାରାର ମନନଶୀଳତା ତାଙ୍କ ଲେଖନୀକୁ ଅତ୍ୟନ୍ତ ଆକର୍ଷଣୀୟ ଓ ନିଆରା କରିପାରିଛି। ତାଙ୍କର ଅନେକ ପ୍ରବନ୍ଧ ବହୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶିତ।



© 2026 ଆଲୋକ ରଞ୍ଜନ ଷଡଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/